12/01/21 ପ୍ରାତଃ ମୁରଲୀ ଓମ୍ ଶାନ୍ତି "ବାପଦାଦା" ମଧୁବନ

"ମିଠେ ବଚ୍ଚେ:- ନିଜର ପାଠପଢ଼ାର ଏବଂ ଦୈବୀ ଚାଲିଚଳଣର ଚାର୍ଟ ରଖ, ପ୍ରତ୍ୟେକ ଦିନ ଚେକ୍ କର, ମୋ ଦ୍ୱାରା କୌଣସି ଭୁଲ୍ ହୋଇ ନାହିଁ ତ ।"

**ପ୍ରଶ୍ନ:-** ତୁମେ ପିଲାମାନେ କେଉଁ ପୁରୁଷାର୍ଥ ଆଧାରରେ ରାଜ୍ୟପଦର ତିଳକ ପ୍ରାପ୍ତ କରିପାରିବ?

**ଉତ୍ତର:-** ସର୍ବଦା ଆଜ୍ଞାକାରୀ ହେବାର ପୁରୁଷାର୍ଥ କର, ଯଦି ସଂଗମଯୁଗରେ ଆଜ୍ଞାକାରୀ ହେବାର ଟୀକା ଲଗାଇବ ତେବେ ରାଜ୍ୟଭାଗ୍ୟର ତିଳକ ମିଳିଯିବ । ଅବଜ୍ଞାକାରୀ ବା ଅବିଶ୍ୱସ୍ତ ପିଲାମାନେ ରାଜତିଳକ ପ୍ରାପ୍ତ କରିପାରିବେ ନାହିଁ (୨) କୌଣସି ପ୍ରକାରର ବେମାରୀ ଅର୍ଥାତ୍ ଦୋଷ-ଦୁର୍ବଳତା ଆତ୍ମିକ ଚିକିତ୍ସକଙ୍କୁ ଲୁଚାଅ ନାହିଁ । ଯଦି ଲୁଚାଇବ ତେବେ ପଦ କମ ହୋଇଯିବ । ତେବେ ବାବାଙ୍କ ଭଳି ପ୍ରେମର ସାଗର ହୋଇପାରିଲେ ସତ୍ୟଯୁଗୀ ରାଜତିଳକ ମିଳିଯିବ ।

ଓମ୍ ଶାନ୍ତି । ଆତ୍ମିକ ପିତା ଆତ୍ମିକ ସନ୍ତାନମାନଙ୍କୁ ବୁଝାଉଛନ୍ତି, ପାଠ ପଢିବା ଅର୍ଥ ଜ୍ଞାନ ପ୍ରାପ୍ତି ହେବା । ତୁମେ ପିଲାମାନେ ଜାଣିଛ ଯେ ଏହି ପାଠ ବହୁତ ବହୁତ ଶ୍ରେଷ୍ଠ, ସହଜ ତଥା ଉଚ୍ଚ ପଦ ପ୍ରାପ୍ତ କରାଇବାର ଆଧାର ଅଟେ । ପିଲାମାନେ ଜାଣିଛନ୍ତି, ଏହି ପାଠପଢ଼ା ଦ୍ୱାରା ଆମେ ବିଶ୍ୱର ମାଲିକ ହୋଇପାରିବୁ । ତେଣୁ ପିଲାମାନେ ବହୁତ ଖୁସି ହେବା ଦରକାର, ବିଚାର କର - ଏହି ପାଠପଢ଼ା କେତେ ଶ୍ରେଷ୍ଠ ଅଟେ । ଏହା ମଧ୍ୟ ସେହି ଗୀତାର ଅଧ୍ୟାୟ ଅଟେ । ବର୍ତ୍ତମାନ ସେହି ସଂଗମଯୁଗ ମଧ୍ୟ ଚାଲିଛି । ତୁମେ ପିଲାମାନେ ଏବେ ଜାଗ୍ରତ ହୋଇଯାଇଛ ବାକି ସମସ୍ତେ ଶୋଇ ରହିଛନ୍ତି । ଗାୟନ ମଧ୍ୟ ରହିଛି ମାୟାର ନିଦ ଲାଗିଯାଇଛି । ତୁମକୁ ବାବା ଆସି ଜାଗ୍ରତ କରିଛନ୍ତି, କେବଳ ଗୋଟିଏ କଥା ବୁଝାଉଛନ୍ତି -- ମିଠେ ବଚ୍ଚେ, ଯୋଗର ଯାତ୍ରା ବଳରେ ତୁମେମାନେ ସାରା ବିଶ୍ୱ ଉପରେ ରାଜ୍ୟ କରିବ, ଯେମିତି କଳ୍ପ ପୂର୍ବରୁ କରିଥିଲ । ଏହି ସ୍ମୃତିକୁ ବାବା ଆସି ମନେ ପକାଇ ଦେଉଛନ୍ତି । ପିଲାମାନେ ମଧ୍ୟ ଜାଣୁଛନ୍ତି, ଆମର ସ୍ମୃତି ଆସୁଛି - ଆମେ କଳ୍ପ କଳ୍ପ ଯୋଗବଳ ଆଧାରରେ ବିଶ୍ୱର ମାଲିକ ହେଉଛୁ ଏବଂ ଦୈବୀଗୁଣ ମଧ୍ୟ ଧାରଣ କରୁଛୁ । ତେଣୁ ଯୋଗ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ଆବଶ୍ୟକ । ଏହି ଯୋଗବଳ ଦ୍ୱାରା ପିଲାମାନଙ୍କ ଭିତରେ ଦୈବୀଗୁଣ ସ୍ୱତଃ ଆସିଯାଉଛି । ବାସ୍ତବରେ ଏହା ହେଉଛି ମନୁଷ୍ୟରୁ ଦେବତା ହେବାର ପାଠପଢ଼ା । ତୁମେ ଯୋଗବଳ ଦ୍ୱାରା ମନୁଷ୍ୟରୁ ଦେବତା ହେବା ପାଇଁ ଏଠାକୁ ଆସିଛ । ଆଉ ଏକଥା ମଧ୍ୟ ଜାଣିଛ ଯେ ଆମର ଏହି ଯୋଗବଳ ଦ୍ୱାରା ସାରା ବିଶ୍ୱ ପବିତ୍ର ହେବ । ପ୍ରଥମେ ପବିତ୍ର ଥିଲା ଏବେ ଅପବିତ୍ର ହୋଇଯାଇଛି । ତୁମେମାନେ ଏବେ ପୁରା ଚକ୍ରର ଜ୍ଞାନକୁ ଜାଣିଯାଇଛ । ସବୁ କଥା ତୁମର ସ୍ମୃତିରେ ଆସିଯାଇଛି । ନୂଆ କେହି ଆସିଲେ ମଧ୍ୟ ଏହି ଜ୍ଞାନକୁ ସହଜରେ ବୁଝିଯିବେ । ତୁମେ ପୂଜ୍ୟ ଦେବୀ-ଦେବତା ଥିଲ, ପୁଣି ଏବେ ତମୋପ୍ରଧାନ ପୂଜାରୀ ହୋଇଯାଇଛ ଏକଥା ଆଉ କେହି କହିପାରିବେ ନାହିଁ । ବାବା ସ୍ପଷ୍ଟ ଭାବରେ କହୁଛନ୍ତି ତାହା ଭକ୍ତିମାର୍ଗ, ଏହା ଜ୍ଞାନମାର୍ଗ । ଭକ୍ତି ଅତୀତ ହୋଇଗଲା । ତେଣୁ ଅତୀତର କଥାକୁ ଚିତ୍ତରେ ଆଣ ନାହିଁ । ତାହା ତ ଥିଲା ତଳକୁ ଓହ୍ଲାଇବାର କଥା, ବାବା ଏବେ ଉପରକୁ ଚଢିବାର କଥା ଶୁଣାଉଛନ୍ତି । ପିଲାମାନେ ମଧ୍ୟ ଜାଣିଛନ୍ତି - ଏବେ ଆମକୁ ନିଶ୍ଚିତ ଭାବରେ ଦୈବୀଗୁଣ ଧାରଣ କରିବାକୁ ହେବ । ତେଣୁ ପ୍ରତିଦିନ ଚାର୍ଟ ଲେଖିବା ଉଚିତ୍ - ଆମେ କେତେ ସମୟ ବାବାଙ୍କ ସ୍ମୃତିରେ ରହିଲେ? ଆମ ଦ୍ୱାରା କ'ଣ ଭୁଲ ହେଲା? କାରଣ ଭୁଲର ବହୁତ ବଡ ଦଣ୍ଡ ମିଳିଥାଏ । ଲୌକିକ ପାଠପଢ଼ାରେ ମଧ୍ୟ ଚରିତ୍ରକୁ ଦେଖାଯାଏ । ଏହି ପାଠପଢ଼ାରେ ମଧ୍ୟ ଚରିତ୍ର ଦେଖାଯାଏ । ଏସବୁ କଥା ବାବା ତୁମର କଲ୍ୟାଣ ପାଇଁ କହୁଛନ୍ତି । ସେ ପାଠପଢ଼ାରେ ମଧ୍ୟ ପାଠପଢ଼ା ଏବଂ ଚରିତ୍ରର ରେଜିଷ୍ଟର ରଖାଯାଏ । ଏଠାରେ ମଧ୍ୟ ପିଲାମାନଙ୍କୁ ଦୈବୀ ଚରିତ୍ର ଗଢିବାକୁ ହେବ । କୌଣସି ଭୁଲ ନ ହେଉ ଏକଥାରେ ଧ୍ୟାନ ଦେବାକୁ ହେବ । ମୋ ଦ୍ୱାରା କୌଣସି ଭୁଲ୍ ହେଉ ନାହିଁ ତ? ଏଥିପାଇଁ କର୍ମେନ୍ଦ୍ରିୟମାନଙ୍କର କଚେରୀ ବସାଯାଏ । ଅନ୍ୟ ସ୍କୁଲରେ ଏଭଳି କଚେରୀ ଆଦି ବସେ ନାହିଁ । ନିଜ ହୃଦୟକୁ ଆରମ୍ଭରେ ମଧ୍ୟ କଚେରୀ ବସୁଥିଲା । ପିଲାମାନେ ସବୁ ସତ୍ୟ କଥା କହୁଥିଲେ । ବାବା ବୁଝାଉଛନ୍ତି - ଯଦି ସତ ନ କହିବ ତେବେ ସେହି ଭୁଲ୍ ବୃଦ୍ଧି ହୋଇ ଚାଲିବ, ଓଲଟା କର୍ମ ବା ଭୁଲ କର୍ମର ଦଣ୍ଡ ଭୋଗିବାକୁ ପଡିବ । ନିଜର ଭୁଲକୁ ବାବାଙ୍କୁ ନ ଜଣାଇଲେ ପୁଣି

ଅବଜ୍ଞାକାରୀର ଟୀକା ଲାଗିଯିବ । ଆଉ ରାଜ୍ୟପଦର ତିଳକ ମିଳିବ ନାହିଁ । ଆଜ୍ଞା ମାନିବ ନାହିଁ, ବିଶ୍ୱସ୍ତ ହେବ ନାହିଁ ତ ରାଜ୍ୟପଦ ପାଇବ ନାହିଁ । ଅବିନାଶୀ ଡାକ୍ତର ଭିନ୍ନ ଭିନ୍ନ ପ୍ରକାରରେ ବୁଝାଇଥା'ନ୍ତି । ଯଦି ଡାକ୍ତରଙ୍କ ଠାରେ ରୋଗ ଲୁଚାଇବ ତେବେ ପଦ କମିଯିବ । ଡାକ୍ତରଙ୍କୁ ସତ କଥା କହିଦେଲେ, ଦଣ୍ଡ ମିଳିବ ନାହିଁ । ବାବା କହିବେ - ଆଗକୁ ସାବଧାନ ହୋଇଯାଅ । ପୁଣି ଯଦି ଏପରି ଭୁଲ୍ କରିବ ତେବେ ତୁମର ହିଁ କ୍ଷତି ହେବ । ସେଠାରେ ବହୁତ କମ ପଦ ମିଳିବ । ସେଠାରେ ସମସ୍ତଙ୍କର ସ୍ୱତଃ ଦୈବୀ ଚଳଣି ରହିବ । ତେଣୁ ଏଠାରେ ପୁରୁଷାର୍ଥ କରିବାକୁ ପଡିବ, ବାରମ୍ବାର ଯେପରି ଫେଲ ନ ହୁଅ । ବାବା କହୁଛନ୍ତି - ପିଲାମାନେ ବେଶୀ ଭୁଲ୍ କର ନାହିଁ । ବାବା ସ୍ନେହର ସାଗର ଅଟନ୍ତି । ତେଣୁ ପିଲାମାନଙ୍କୁ ମଧ୍ୟ ସେହିପରି ହେବାକୁ ପଡିବ । ଯେମିତି ବାବା ସେମିତି ପିଲା । ଯଥା ରାଜାରାଣୀ ତଥା ପ୍ରଜା । ବାବା ତ ରାଜା ନୁହଁନ୍ତି । ତୁମେ ଜାଣିଛ, ବାବା ଆମକୁ ତାଙ୍କ ଭଳି କରୁଛନ୍ତି । ତେଣୁ ବାବାଙ୍କର ଯାହା ମହିମା ରହିଛି, ତାହା ପିଲାମାନଙ୍କର ମଧ୍ୟ ରହିବା ଉଚିତ୍ । ବାବାଙ୍କ ଭଳି ହେବାକୁ ପଡିବ । କିନ୍ତୁ ମାୟା ବଡ ବଳବାନ, ତୁମକୁ ଚାର୍ଟ ରଖିବାକୁ ଦେଉନାହିଁ । ତୁମେ ମାୟାର ଜାଲରେ ପୁରା ବାନ୍ଧି ହୋଇଯାଉଛ । ମାୟାର ଜେଲ୍‌ରୁ ତୁମେ ମୁକୁଳି ପାରୁ ନାହଁ । ବାବାଙ୍କୁ ସତ କଥା କହୁ ନାହଁ, ତେଣୁ ବାବା କହୁଛନ୍ତି ଯୋଗର ଆକ୍ୟୁରେଟ ଚାର୍ଟ ରଖ । ସକାଳୁ ଉଠି ବାବାଙ୍କୁ ମନେ ପକାଅ । ବାବାଙ୍କର ମହିମା କର । ବାବା ଆପଣ ଆମକୁ ସାରା ବିଶ୍ୱର ମାଲିକ କରୁଛନ୍ତି ତେଣୁ ଆମେ ଆପଣଙ୍କର ମହିମା କରିବୁ । ଭକ୍ତିମାର୍ଗରେ ତାଙ୍କର କେତେ ମହିମା ଗାଇଥା'ନ୍ତି, କିନ୍ତୁ ସେମାନଙ୍କୁ ତ କିଛି ବି ଜଣା ନାହିଁ ଯେ ଦେବତାମାନଙ୍କର କିଛି ମହିମା ନାହିଁ । ସବୁ ମହିମା ବ୍ରାହ୍ମଣମାନଙ୍କର । ସମସ୍ତଙ୍କୁ ସଦ୍‌ଗତି ତ ବାବା ହିଁ ଦେଇଥା'ନ୍ତି । ସେ ରଚୟିତା ଏବଂ ନିର୍ଦ୍ଦେଶକ ଉଭୟ ଅଟନ୍ତି । ସିଏ ତୁମମାନଙ୍କର ସେବା ମଧ୍ୟ କରୁଛନ୍ତି ଏବଂ ବାସ୍ତବ କଥା କ'ଣ ତାହା ମଧ୍ୟ ବୁଝାଉଛନ୍ତି । ସେମାନେ ତ ଶାସ୍ତ୍ରରେ ଲେଖାଥିବା ଭଗବାନଉବାଚ ଶବ୍ଦକୁ କେବଳ ଶୁଣୁଛନ୍ତି । ଗୀତା ପଢିଚାଲିଛନ୍ତି ସେଥିରୁ କ'ଣ ମିଳୁଛି? କେତେ ଶ୍ରଦ୍ଧାରେ ବସି ପଢୁଛନ୍ତି, ଭକ୍ତି କରୁଛନ୍ତି । କିନ୍ତୁ ଜାଣିନାହାଁନ୍ତି, ସେଥିରୁ କ'ଣ ମିଳିବ! ଏକଥା ମଧ୍ୟ ଜାଣିନାହାଁନ୍ତି ଯେ ସେମାନେ ସିଢି ତଳକୁ ଖସୁଛନ୍ତି । ଦିନକୁ ଦିନ ତମୋପ୍ରଧାନ ହୋଇ ଚାଲିଛନ୍ତି । ଡ୍ରାମାରେ ଏହିଭଳି ପାର୍ଟ ରହିଛି । ଏହି ସିଢିର ରହସ୍ୟକୁ ବାବାଙ୍କ ବ୍ୟତୀତ ଅନ୍ୟ କେହି ବୁଝାଇପାରିବେ ନାହିଁ । ଶିବବାବା ବ୍ରହ୍ମାଙ୍କ ଦ୍ୱାରା ବୁଝାଉଛନ୍ତି । ସେ (ବ୍ରହ୍ମାବାବା) ତାଙ୍କଠାରୁ ବୁଝି ପୁଣି ତୁମମାନଙ୍କୁ ବୁଝାଉଛନ୍ତି । ବଡ ଶିକ୍ଷକ ତଥା ବଡ ଡାକ୍ତର ଏକମାତ୍ର ବାବା ହିଁ ଅଟନ୍ତି । ତେଣୁ ତାଙ୍କୁ ମନେ ପକାଇବାକୁ ପଡିବ । ଏମିତି କୁହାଯାଏ ନାହିଁ ଯେ ବ୍ରାହ୍ମଣୀଙ୍କୁ ମନେ ପକାଅ । କେବଳ ଜଣଙ୍କୁ ହିଁ ମନେ ପକାଇବାକୁ ପଡିବ । କେବେ ବି କାହା ସହିତ ମୋହ ରଖିବା ଉଚିତ୍ ନୁହେଁ । କେବଳ ବାବାଙ୍କ ଠାରୁ ଶିକ୍ଷା ଗ୍ରହଣ କରିବାକୁ ହେବ । ନିର୍ମୋହୀ ହେବାକୁ ପଡିବ । ଏଥିପାଇଁ ବହୁତ ମେହନତ ଆବଶ୍ୟକ । ପୁରୁଣା ଦୁନିଆରୁ ପୁରା ବୈରାଗ୍ୟ ଆସିବା ଉଚିତ୍ । କାରଣ ଏହି ପୁରୁଣା ଦୁନିଆ ତ ବିନାଶ ହେବାକୁ ଯାଉଛି । ତେଣୁ ଏହି ଦୁନିଆ ସହିତ ସ୍ନେହ ବା ଆସକ୍ତି ରଖିବା ଉଚିତ୍ ନୁହେଁ । କେତେ ବଡ ବଡ କୋଠା ତିଆରି କରୁଛନ୍ତି । ତାଙ୍କୁ ମାଲୁମ ନାହିଁ ଯେ, ଏହି ପୁରୁଣା ଦୁନିଆ ଆଉ କେତେ ସମୟ ରହିବ । ତୁମେମାନେ ଏବେ ଜାଗ୍ରତ ହୋଇଛ ତେଣୁ ଅନ୍ୟମାନଙ୍କୁ ମଧ୍ୟ ଜାଗ୍ରତ କରୁଛ । ବାବା ଆତ୍ମାମାନଙ୍କୁ ଜାଗ୍ରତ କରୁଛନ୍ତି ଏବଂ ବାରମ୍ବାର କହୁଛନ୍ତି, ନିଜକୁ ଆତ୍ମା ନିଶ୍ଚୟ କର । ନିଜକୁ ଶରୀର ଭାବୁଛ ତେଣୁ ଯେପରି ଅଜ୍ଞାନ ନିଦରେ ଶୋଇ ଯାଇଛ । ଏବେ ନିଜକୁ ଆତ୍ମ ନିଶ୍ଚୟ କରି ବାବାଙ୍କୁ ମନେ ପକାଅ । ଆତ୍ମା ପତିତ ତେଣୁ ଶରୀର ମଧ୍ୟ ପତିତ ମିଳିଛି । ଆତ୍ମା ପବିତ୍ର ହେଲେ ପବିତ୍ର ଶରୀର ମିଳିବ । ବାବା ବୁଝାଉଛନ୍ତି, ତୁମେ ହିଁ ଦେବୀ-ଦେବତା କୁଳର ଥିଲ । ପୁଣି ତୁମେମାନେ ସେହି କୁଳର ହେବ । ଏହା କେତେ ସହଜ କଥା । ତେଣୁ ଏପରି ବେହଦର ବାବାଙ୍କୁ ଆମେ କାହିଁକି ମନେ ନ ପକାଇବା । ସକାଳୁ ସକାଳୁ ଉଠି ବାବାଙ୍କ ସ୍ମୃତିରେ ବସ । ବାବା, ସବୁ ଚମତ୍କାର ଆପଣଙ୍କର, ଆପଣ ଆମକୁ ଶ୍ରେଷ୍ଠ ଦେବୀ-ଦେବତା କରି ପୁଣି ନିର୍ବାଣଧାମକୁ ଚାଲିଯାଉଛନ୍ତି । ଏତେ ଉଚ୍ଚ ଆଉ କେହି କରିପାରିବେ ନାହିଁ । ଆପଣ କେତେ ସହଜରେ ସବୁ କିଛି ବୁଝାଇ ଦେଉଛନ୍ତି । ବାବା କହୁଛନ୍ତି - କାମଧନ୍ଦା କରି ମଧ୍ୟ ଯେତିକି ସମୟ ମିଳୁଛି ତା ଭିତରେ ବାବାଙ୍କୁ ମନେ ପକାଇପାରିବ । ବାବାଙ୍କ ସ୍ମୃତି ହିଁ ତୁମର ଜୀବନ ରୂପି ନୌକାକୁ ପାରି କରିବ ଅର୍ଥାତ୍ କଳିଯୁଗରୁ ସେପାରିକୁ ଶିବାଳୟକୁ ନେଇଯିବ । ତେଣୁ ଶିବାଳୟକୁ ମଧ୍ୟ ମନେ ପକାଅ । ଶିବବାବା ହିଁ ସ୍ୱର୍ଗ ସ୍ଥାପନ କରିଥା'ନ୍ତି - ତେଣୁ ଉଭୟଙ୍କର ସ୍ମୃତି ଆସିଯିବ । ଶିବବାବାଙ୍କୁ ମନେ ପକାଇଲେ ଆମେ ସ୍ୱର୍ଗର ମାଲିକ ହୋଇଯିବା । ଏହି ପାଠପଢା ନୂଆ ଦୁନିଆ ପାଇଁ । ବାବା ନୂଆ ଦୁନିଆ ସ୍ଥାପନ କରିବାକୁ ଆସିଛନ୍ତି । ତେଣୁ ବାବା ନିଶ୍ଚିତ ଭାବରେ କୌଣସି କର୍ତ୍ତବ୍ୟ କରିଥିବେ ନା । ତୁମେ ଦେଖୁଛ ମୁଁ ମଧ୍ୟ ଡ୍ରାମା ଅନୁସାରେ ଅଭିନୟ କରୁଛି । ପିଲାମାନଙ୍କୁ ୫ ହଜାର ବର୍ଷ ପୂର୍ବଭଳି ଯୋଗର ଯାତ୍ରା ଏବଂ ଆଦି-ମଧ୍ୟ-ଅନ୍ତର

ରହସ୍ୟକୁ ବୁଝାଉଛି । ତୁମେ ଜାଣୁଛ ଯେ, ପ୍ରତି ୫ ହଜାର ବର୍ଷ ପରେ ବାବା ଆମ ସମ୍ମୁଖକୁ ଆସିଥାଆନ୍ତି । ଏକଥା ଆତ୍ମା ହିଁ କହିଥାଏ, ଶରୀର ନୁହେଁ । ବାବା ପିଲାମାନଙ୍କୁ ଶିକ୍ଷା ଦେଉଛନ୍ତି - ଆତ୍ମାକୁ ହିଁ ପବିତ୍ର ହେବାକୁ ପଡିବ । ପ୍ରତି କଳ୍ପରେ ଥରେ ଆତ୍ମାକୁ ପବିତ୍ର ହେବାକୁ ପଡେ । ବାବା କହୁଛନ୍ତି, ମୁଁ ଅନେକ ଥର ତୁମକୁ ଏହି ରାଜଯୋଗର ପାଠ ପଢାଇଛି ପୁଣି ଆଗକୁ ମଧ୍ୟ ପଢାଇବି । କୌଣସି ସନ୍ନ୍ୟାସୀ ଏକଥା କହିପାରିବେ ନାହିଁ । ବାବା କହୁଛନ୍ତି - ପିଲାମାନେ, ଡ୍ରାମା ପ୍ଲାନ ଅନୁସାରେ ମୁଁ ତୁମମାନଙ୍କୁ ପାଠ ପଢାଇବାକୁ ଆସିଛି । ପୁଣି ୫ ହଜାର ବର୍ଷ ପରେ ଆସି ଏମିତି ପାଠ ପଢାଇବି, ଯେମିତି କଳ୍ପ ପୂର୍ବରୁ ପାଠ ପଢାଇ ରାଜଧାନୀ ସ୍ଥାପନ କରିଥିଲି । ଅନେକ ଥର ତୁମକୁ ଏହିଭଳି ପଢାଇ ରାଜଧାନୀ ସ୍ଥାପନ କରିଛି । ଏହା କେତେ ବିଚିତ୍ର କଥା ଯାହାକି ବାବା ଆସି ବୁଝାଉଛନ୍ତି । ଶ୍ରୀମତ କେତେ ଶ୍ରେଷ୍ଠ । ଏହି ଶ୍ରୀମତ ଆଧାରରେ ଆମେମାନେ ବିଶ୍ୱର ମାଲିକ ହେବାକୁ ଯାଉଛୁ । ଯାହାକି ବହୁତ ବଡ ପଦ ଅଟେ । କାହାକୁ ଯଦି ବହୁତ ବଡ ଲଟେରୀ ମିଳୁଛି ତେବେ ତା'ର ମୁଣ୍ଡ ଖରାପ ହୋଇଯାଉଛି । କେହି ଚାଲୁ ଚାଲୁ ଆଶାଶୂନ୍ୟ ହୋଇଯାଉଛନ୍ତି । ଆମେ ତ ଏହି ପାଠପଢିପାରିବୁ ନାହିଁ, ବିଶ୍ୱର ବାଦଶାହୀ କିପରି ନେବୁ! ତୁମେ ପିଲାମାନେ ବହୁତ ଖୁସିରେ ରହିବା ଉଚିତ୍ । ବାବା କହୁଛନ୍ତି ଅତିନ୍ଦ୍ରିୟ ସୁଖ ଏବଂ ଖୁସି କ'ଣ ତାହା ମୋ ସନ୍ତାନମାନଙ୍କୁ ପଚାର । ତୁମେ ସମସ୍ତଙ୍କୁ ଖୁସିର କଥା ଶୁଣାଉଛ । ତୁମେ ହିଁ ବିଶ୍ୱର ମାଲିକ ଥିଲ ପୁଣି ୮୪ ଜନ୍ମ ନେଇ ଏବେ ଗୋଲାମ ହୋଇଯାଇଛ । ସେଥିପାଇଁ ଗାୟନ କରୁଛନ୍ତି, ମୁଁ ତୁମର ଗୋଲାମ । ଭାବୁଛନ୍ତି ନିଜକୁ ନୀଚ୍ଚ କହିବା, ଛୋଟ ହୋଇ ରହିବା ଭଲ । ଦେଖ ବାବା କିଏ! ତାଙ୍କୁ କେହି ଜାଣିନାହାନ୍ତି । ତାଙ୍କୁ କେବଳ ତୁମେ ଜାଣୁଛ, ବାବା କିପରି ଆସି ସମସ୍ତଙ୍କୁ ସନ୍ତାନ-ସନ୍ତାନ କହି ବୁଝାଉଛନ୍ତି । ଏହା ଆତ୍ମା ଏବଂ ପରମାତ୍ମାର ମେଳା ଅଟେ, ତାଙ୍କଠାରୁ ଆମକୁ ସ୍ୱର୍ଗର ରାଜତ୍ୱ ମିଳୁଛି । ବାକି ଗଙ୍ଗାସ୍ନାନ ଆଦି କରିବା ଦ୍ୱାରା ସ୍ୱର୍ଗର ରାଜପଦ ମିଳିନଥାଏ । ଗଙ୍ଗାସ୍ନାନ ତ ବହୁତ ଥର କରିଆସିଛ । ଏମିତି ତ ପାଣି ସାଗରରୁ ଆସିଥାଏ, ମାତ୍ର ବର୍ଷା କିପରି ହୋଇଥାଏ । ଏହାକୁ ପ୍ରକୃତି କୁହାଯାଏ । ଏବେ ବାବା ତୁମକୁ ସବୁ କିଛି ବୁଝାଉଛନ୍ତି । ତେବେ ଧାରଣା ଆତ୍ମା ହିଁ କରେ, ଶରୀର ନୁହେଁ । ତୁମେ ଅନୁଭବ ଏବେ କରୁଛ ସତରେ ବାବା ଆମକୁ କ'ଣରୁ କ'ଣ କରୁଛନ୍ତି । ଏବେ ବାବା କହୁଛନ୍ତି - ପିଲାମାନେ, ନିଜ ଉପରେ ଦୟା କର । କୌଣସି ଅବଜ୍ଞା କର ନାହିଁ । ଦେହ-ଅଭିମାନୀ ହୁଅ ନାହିଁ, ନହେଲେ ଅଯଥାରେ ନିଜର ପଦ କମିଯିବ । ଶିକ୍ଷକ ତ ତୁମମାନଙ୍କୁ ବୁଝାଇବେ ନା । ତୁମେ ଜାଣିଛ ବାବା ବେହଦର ଶିକ୍ଷକ । ଦୁନିଆରେ କେତେ ପ୍ରକାରର ଭାଷା ରହିଛି । ତେଣୁ କୌଣସି ଜିନିଷ ଯଦି ଛପାଉଛ ତେବେ ସବୁ ଭାଷାରେ ଛପାଇବା ଦରକାର । ଯଦି କୌଣସି ସାହିତ୍ୟ ଛପାଉଛ ତେବେ ଗୋଟେ ଗୋଟେ କପି ସମସ୍ତଙ୍କ ପାଖକୁ ପଠାଅ, ଗୋଟେ ଗୋଟେ କପି ଲାଇବ୍ରେରୀକୁ ପଠାଇ ଦେବା ଦରକାର । ଖର୍ଚ୍ଚର ଚିନ୍ତା କର ନାହିଁ । ବାବାଙ୍କ ଭଣ୍ଡାର ଭରପୁର ହୋଇଯିବ । ପଇସା ନିଜ ପାଖରେ ରଖି କ'ଣ କରିବ । ଘରକୁ ତ ନେଇ ଯାଇପାରିବ ନାହିଁ । ଯଦି କିଛି ଘରକୁ ନେଇଯିବ ତେବେ ପରମାତ୍ମାଙ୍କ ଯଜ୍ଞରେ ଚୋରୀ କରିବା କୁହାଯିବ । ହାୟ-ହାୟ ଏପରି ବୁଦ୍ଧି କାହାର ନ ହେଉ । ପରମାତ୍ମାଙ୍କ ଯଜ୍ଞରେ ଚୋରୀ! ତାଙ୍କ ସଦୃଶ ମହାନ ପାପାତ୍ମା ଆଉ କେହି ନଥିବେ । ତାଙ୍କର କେତେ ଅଧମଗତି ହୋଇଯିବ । ବାବା କହୁଛନ୍ତି, ଏସବୁ ଡ୍ରାମାରେ ପାର୍ଟ ରହିଛି । ତୁମେ ରାଜ୍ୟ କରିବ ସେମାନେ ତୁମର ଚାକର ହେବେ, ଚାକର-ବାକର ବିନା ରାଜ୍ୟ କିପରି ଚାଲିବ । କଳ୍ପ ପୂର୍ବରୁ ମଧ୍ୟ ଏହିପରି ସ୍ଥାପନା ହୋଇଥିଲା ।

ଏବେ ବାବା କହୁଛନ୍ତି - ଯଦି ନିଜର କଲ୍ୟାଣ କରିବାକୁ ଚାହୁଁଛ ତେବେ ଶ୍ରୀମତ ଅନୁସାରେ ଚାଲିବାକୁ ହେବ । ଦୈବୀଗୁଣ ମଧ୍ୟ ଧାରଣ କରିବାକୁ ହେବ । କ୍ରୋଧ କରିବା ଦୈବୀଗୁଣ ନୁହେଁ । ତାହା ଆସୁରୀଗୁଣ ଅଟେ । କେହି କ୍ରୋଧ କଲେ ଚୁପ୍ ରହିବା ଦରକାର । ତାଙ୍କୁ କୌଣସି ଉତ୍ତର ଦେବା ଉଚିତ୍ ନୁହେଁ । ପ୍ରତ୍ୟେକଙ୍କ ଚାଲି-ଚଳଣିରୁ ସବୁକିଛି ଜଣାପଡିଯାଏ । ଅବଗୁଣ ତ ସମସ୍ତଙ୍କ ଭିତରେ ରହିଛି । ଯଦି କେହି କ୍ରୋଧ କରନ୍ତି ତେବେ ତାଙ୍କର ମୁହଁ ତମ୍ବା ଭଳି ଲାଲ୍ ହୋଇଯାଏ । ମୁହଁରୁ ବମ୍ ବାହାରିଲା ପରି ଲାଗେ । ସେମାନେ ନିଜର ହିଁ କ୍ଷତି କରିଥାଆନ୍ତି । ସେମାନଙ୍କର ପଦ ଭ୍ରଷ୍ଟ ହୋଇଯାଏ । ତେଣୁ ବୁଦ୍ଧିମାନ ହେବା ଦରକାର । ବାବା କହୁଛନ୍ତି, ଯାହାବି ପାପ କର୍ମ କରିଛ, ତାହା ଲେଖି ବାବାଙ୍କୁ ଜଣାଅ । ବାବାଙ୍କୁ କହିଦେଲେ କ୍ଷମା ମିଳିଯିବ । ବୋଝ ହାଲୁକା ହୋଇଯିବ । ଜନ୍ମ ଜନ୍ମାନ୍ତର ତୁମେ ବିକାରରେ ଯାଇଛ । ଯଦି ଏହି ସମୟରେ ମଧ୍ୟ ତୁମେ କୌଣସି ପାପ କର୍ମ କରିବ ତେବେ ଶହେଗୁଣା ଦଣ୍ଡ ବଢିଯିବ । ବାବାଙ୍କ ଆଗରେ ଭୁଲ କରିଲେ ଶହେ ଗୁଣା ଦଣ୍ଡ ଭୋଗ କରିବାକୁ ପଡିବ । ପାପ କରି ଯଦି ବାବାଙ୍କୁ ନ ଜଣାଇବ ତେବେ ତାହା ଆହୁରି ବଢିଯିବ । ବାବା ତ ବୁଝାଇବେ ଯେ ନିଜର କ୍ଷତି କର ନାହିଁ । ବାବା ପିଲାମାନଙ୍କର ବୁଦ୍ଧିକୁ ଶୁଦ୍ଧ କରିବା ପାଇଁ ଆସିଛନ୍ତି । ଜାଣିଛନ୍ତି ଇଏ କେଉଁ ପଦ ପାଇବେ । ତାହା ମଧ୍ୟ ୨୧

ଜନ୍ମର କଥା । ଯିଏ ସେବାଧାରୀ ସନ୍ତାନ, ତାଙ୍କର ସ୍ୱଭାବ ବହୁତ ମିଠା ହେବା ଦରକାର । କେହି ସଙ୍ଗେ ସଙ୍ଗେ ବାବାଙ୍କୁ କହିଦିଅନ୍ତି - ବାବା ଏହି ଭୁଲ୍ ହୋଇଗଲା । ବାବା ଖୁସି ହୋଇଥା'ନ୍ତି । ଯଦି ଭଗବାନ ଖୁସି ହୋଇଗଲେ ତେବେ ଆଉ କ'ଣ ଦରକାର । ଇଏ ତ ପିତା, ଶିକ୍ଷକ, ଗୁରୁ ତିନିଜଣ ଯାକ ଜଣେ ହିଁ ଅଟନ୍ତି । ନଚେତ୍ ତିନିଜଣ ନାରାଜ ହୋଇଥା'ନ୍ତେ । ଆଚ୍ଛା !

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ ସୁପ୍ରଭାତ୍ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

**ଧାରଣା ପାଇଁ ମୁଖ୍ୟ ସାର :—**

(୧) ଶ୍ରୀମତ ଅନୁସାରେ ଚାଲି ନିଜର ବୁଦ୍ଧିକୁ ସ୍ୱଚ୍ଛ ରଖିବାକୁ ହେବ । କୌଣସି ପ୍ରକାରର ଅବଜ୍ଞା କରିବାର ନାହିଁ । କ୍ରୋଧର ବଶୀଭୂତ ହୋଇ ମୁଖ ଦ୍ୱାରା ବୋମା ଫୁଟାଇବାର ନାହିଁ, ଚୁପ୍ ରହିବାର ଅଛି ।

(୨) ହୃଦୟର ସହିତ ଏକମାତ୍ର ବାବାଙ୍କର ମହିମା କରିବାର ଅଛି । ଏହି ପୁରୁଣା ଦୁନିଆ ପ୍ରତି ଆସକ୍ତି ବା ସ୍ନେହ ରଖିବାର ନାହିଁ । ବେହଦର ବୈରାଗ୍ୟ ଏବଂ ନିର୍ମୋହୀ ହେବାର ଅଛି ।

**ବରଦାନ:-** ନିଜର ଅବ୍ୟକ୍ତ ଶାନ୍ତ ସ୍ୱରୂପ ସ୍ଥିତି ଦ୍ୱାରା ବାତାବରଣକୁ ଅବ୍ୟକ୍ତ କରୁଥିବା ସାକ୍ଷାତ୍କାରମୂର୍ତ୍ତି ହୁଅ ।

ଯେପରି ସେବା କରିବା ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ସବୁ ପ୍ରସ୍ତୁତ କରୁଛ ସେହିଭଳି ସକାଳଠାରୁ ରାତି ପର୍ଯ୍ୟନ୍ତ ଯୋଗର ଯାତ୍ରାରେ କିପରି ଏବଂ କେଉଁ ସମୟରେ ରହିପାରିବ ତାହାର ମଧ୍ୟ କାର୍ଯ୍ୟକ୍ରମ ପ୍ରସ୍ତୁତ କର ଏବଂ ମଝିରେ ମଝିରେ ଦୁଇ-ତିନି ମିନିଟ୍ ପାଇଁ ସଂକଳ୍ପର ଟ୍ରାଫିକକୁ ଷ୍ଟପ୍ କରିନିଅ । ଯେତେବେଳେ କୌଣସି ଆତ୍ମା ଅଧିକ ମାତ୍ରାରେ ବ୍ୟକ୍ତ ଭାବଯୁକ୍ତ ଦେଖାଯାଉଛି ସେହି ସମୟରେ ତାକୁ କିଛି ନ କହି ନିଜର ଅବ୍ୟକ୍ତ ଶାନ୍ତ ସ୍ୱରୂପ ସ୍ଥିତିକୁ ଏଭଳି ଧାରଣ କର ଯାହାକି ସେ ମଧ୍ୟ ଇଂଗିତରେ ବୁଝିପାରିବ, ଏହା ଦ୍ୱାରା ବାତାବରଣ ମଧ୍ୟ ଅବ୍ୟକ୍ତ ହୋଇଯିବ, ସେଥିରେ କିଛି ନା କିଛି ଅସାଧାରଣତା ଦେଖାଯିବ ଏବଂ ତୁମେମାନେ ସାକ୍ଷାତ୍କାର କରାଉଥିବା ସାକ୍ଷାତ୍ମୂର୍ତ୍ତି ଭଳି ହୋଇଯିବ ।

**ସ୍ଲୋଗାନ:-** ସମ୍ପୂର୍ଣ୍ଣ ସତ୍ୟତା ହିଁ ପବିତ୍ରତାର ଆଧାର ।

***** ଓମ୍ ଶାନ୍ତି *****